## ଅଧା ବନ୍ଦ, ଅଧା ଖୋଲା

ଡାବୁଗାଁ,(ଡି.ଏନ.ଏ.):ଦୁଇଦିନିଆ ଶଟଡାଉନ ଯୋଗୁ ଡାବୁଗାଁ ବ୍ଲକ ସଦର ମହକୁମାରେ ଶଟଡାଉନ ପାଳନ ଫିକା ପଡିଛି। ମୁଖ୍ୟବଜାରକୁ ଛାଡି ଅନ୍ୟ ସ୍ଥାନରେ ଦୋକାନ ଖୋଲା ରହିବା ଏବଂ ସେଠାରେ ଗହଳି ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ଶଟଡାଉନ ନେଇ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ମାଧମରେ ପ୍ରଚାର କରି କୌଣସି ସୂଚନା ନ ଦେବାରୁ ଲୋକମାନେ ବେଫିକର ଭାବେ ମୁଖ୍ୟ ରାସ୍ତାରେ ଗାଡିମୋଟର ଧରି ଯାତାୟାତ କରୁଥିଲେ। ଅଗାମୀ ଦିନରେ ଲୋକଙ୍କୁ ସଚେତନ କରି ଶଟଡାଉନକୁ କଡାକଡି ଭାବେ ପାଳନ କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

**ସଂକ୍ଷେପରେ**

### ମାଲକାନଗିରି ଜିଲାରୁ ୫ ଚିହ୍ନଟ

**ମାଲକାନଗିରି,୪।୭ (ଡି.ଏନ୍.ଏ.):** ମାଲକାନଗିରି ଜିଲାରେ ଶନିବାର ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧ରେ ପହଞ୍ଚିଛି। ଚିହ୍ନଟ ୫ ଜଣଙ୍କ ମଧ୍ୟରୁ ୩ଜଣ ପଡିଆ ବ୍ଲକ ପ୍ରାଥମିକ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରର ହୋଇଥିବା ବେଳେ ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣେ ଖଇରପୁଟ ବାସିନ୍ଦା ଓ ଆଉ ଜଣେ ମାଲକାନଗିରି ପୌର ପରିଷଦ ଅଞ୍ଚଳର ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ପଡିଆ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ୩ ବ୍ୟକ୍ତି ଦିଲ୍ଲୀ ଫେରନ୍ତା ବୋଲି ଜଣାପଡିଛି। ଚିହ୍ନଟ ହୋଇଥିବା କେନ୍ଦ୍ର ଓ ଗ୍ରାମଗୁଡିକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଛି।

### ଜୟପୁରରେ ଶଟ୍‌ଡାଉନ

**ଜୟପୁର,୪।୭(ଡି.ଏନ୍.ଏ./ନି.ପ୍ର.):** କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜୁଲାଇଠାରୁ ସମସ୍ତ ଶନିବାର ଏବଂ ରବିବାର ଶଟ୍‌ଡାଉନ ନେଇ ନିର୍ଦ୍ଦେଶନାମା ଜାରି ପରେ ଶନିବାର ଏହା କାର୍ଯ୍ୟକାରୀ ହୋଇଛି। ଜୟପୁର ସହରକୁ ପ୍ରବେଶ ପଥ ଗ୍ଲୋକାଲ ଚିକିତ୍ସାଳୟ ଛକ, ଗାନ୍ଧୀଛକ, ଜୟନଗର, ତେଲିଗୁଡ଼ାଠାରେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସହରରେ ଔଷଧ ଦୋକାନକୁ ଛାଡ଼ିଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଛି। ଗାଡ଼ିମୋଟର ଚଳାଚଳ ବନ୍ଦ ରହିଛି। ସହରକୁ ବାହାର ଲୋକଙ୍କୁ ବିନା କାରଣରେ ପ୍ରବେଶକୁ ଅନୁମତି ମିଳିନାହିଁ। ଗ୍ରାମାଞ୍ଚଳରେ ମଧ ଅନୁରୂପ ଭାବେ ଶଟ୍‌ଡାଉନ ନିୟମ ପାଳନ କରାଯାଇଛି।

### ଜୟପୁରରେ ନୂଆ ଉପଜିଲାପାଳ

**ଜୟପୁର,୪।୭(ଡି.ଏନ୍.ଏ.):** କୋରାପୁଟ ଜିଲା ଜୟପୁରର ନୂଆ ଉପଜିଲାପାଳ ଭାବେ ୨୦୧୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ହେମକାନ୍ତ ସଏଙ୍କୁ ନିଯୁକ୍ତି ମିଳିଛି। ସେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ସେଠାରୁ ଜୟପୁର ପୌର କାର୍ଯ୍ୟାଳୟରେ ପହଞ୍ଚି ସେଠାରେ ଦାୟିତ୍ୱରେ ଥିବା ପୂର୍ବତନ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କଠାରୁ ମଧ ଦାୟିତ୍ୱ ଗ୍ରହଣ କରିଥିଲେ।

### ବିଦ୍ୟାଳୟ କୋଠରିରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବୈପାରୀଗୁଡା,୪।୭ (ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କୋଲାର ପଞ୍ଚାୟତର ଆର୍. ମାଳିଗୁଡା ବିଦ୍ୟାଳୟ କୋଠରିରୁ ଜଣେ ମହିଳାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ନରେ ବିଦ୍ୟାଳୟ ନିକଟରେ କେତେ ଜଣ ଛୋଟ ପିଲା ଖେଳୁଥିବା ବେଳେ ବିଦ୍ୟାଳୟ ଭିତରେ ସମ୍ପୃକ୍ତା ମହିଳାଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଲୋକଙ୍କଠାରୁ ସୂଚନା ପାଇ ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ ଘଟଣା ସ୍ଥଳକୁ ଯାଇଛନ୍ତି। ତେବେ ମହିଳାଙ୍କ ବୟସ ୩୫ ବର୍ଷ ହେବ। ସେ ବାହାର ଅଞ୍ଚଳର ବୋଲି ଜଣାପଡିଛି । ତାଙ୍କ ପରିଚୟ ଜଣାପଡିନାହିଁ । ତାଙ୍କ ମହଁରେ କପଡା ବନ୍ଧା ଯାଇଥିବା ବେଳେ ବେକକୁ ଅନ୍ୟ ଏକ କପଡାରେ ରଡ୍‌ରେ ବନ୍ଧାଯାଇଛି । ବର୍ତ୍ତମାନ ଲକ୍‌ଡାଉନ୍ ଯୋଗୁ ବିଦ୍ୟାଳୟ ବନ୍ଦ ରହିଛି। ଏପରି ସ୍ଥଳେ କେହି ବିଦ୍ୟାଳୟ ତାଲା ଭାଙ୍ଗି କୋଠରି ଭିତରେ ମୃତଦେହ ଝୁଲାଇ ଚାଲି ଆସିଥିବା ସନ୍ଦେହ କରାଯାଉଛି।

### ଦୁର୍ଘଟଣାରେ ୨ ଗୁରୁତର

**ଦଶମନ୍ତପୁର,୪।୭(ଡି.ଏନ.ଏ.):** ଦଶମନ୍ତପୁର ଥାନା ମୁର୍କାର ପଞ୍ଚାୟତ ନିକଟସ୍ଥ ଘାଟିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଚାଳକ କାର୍ତ୍ତିକ ମୁଦୁଲି(୨୫) ଗୁରୁତର ଆହତ ହୋଇଛନ୍ତି। ଲକ୍ଷ୍ମୀପୁର ବ୍ଲକ ତୁନପାର ପଞ୍ଚାୟତ ଝିରଝିରା ଗ୍ରାମର କାର୍ତ୍ତିକ ଶନିବାର ପିଉସୀ ଘର କୁନ୍ଦେଶ ଗ୍ରାମକୁ ଯାଇ ଫେରୁଥିଲେ। ଘାଟିରେ ଭାରସାମ୍ୟ ହରାଇ ସେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟ ନିକଟରେ କମାଣ୍ଡର ଓ ଆଟୋ ମୁହାଁମୁହିଁ ହୋଇଛି। ଫଳରେ ଅଟୋ ଚାଳକ ଡମ୍ବରୁ ସାଉନ୍ତା ଗୁରୁତର ହୋଇଛନ୍ତି। ଗମ୍ଭାରିଗୁଡ଼ା ଗ୍ରାମର ଅଟୋ ଲୋକଙ୍କୁ ଧରି ଏସ.ଡୁଣ୍ଡାବାଡ଼ ଗ୍ରାମରୁ ଫେରୁଥିବା ବେଳେ ବାଟରେ କମାଣ୍ଡର ସହ ମୁହାଁମୁହିଁ ହୋଇଥିଲା।

# ଚାଲିଚାଲି ଫେରିଲେ ଶିରିଝୋଲି ପଞ୍ଚାୟତବାସୀ

**ଗୁଣପୁର,୪।୭(ଡି.ଏନ୍.ଏ.)**

**ସ୍ୱାବ୍ ଟେଷ୍ଟ କେନ୍ଦ୍ରରେ ଅବ୍ୟବସ୍ଥା**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତ ଅନ୍ତର୍ଗତ ବିଜୟପୁର ଗ୍ରାମରୁ ଶୁକ୍ରବାର ୭୪ କରୋନା ପଜିଟିଭ ଚିହ୍ନଟ ହେବାପରେ ପ୍ରଶାସନ ପକ୍ଷରୁ ପଞ୍ଚାୟତବାସୀଙ୍କ ସ୍ୱାବ ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଫଳରେ ଶନିବାର ପଞ୍ଚାୟତର ୧୮୦ଜଣଙ୍କୁ କୁଜେନ୍ଦ୍ରି ସଙ୍ଗରୋଧ କେନ୍ଦ୍ରକୁ ପରୀକ୍ଷା ପାଇଁ ନିଆଯାଇଥିଲା। କିନ୍ତୁ ଶିରିଝୋଲି ପଞ୍ଚାୟତର ଲୋକଙ୍କୁ କୁଜେନ୍ଦ୍ରି ପଞ୍ଚାୟତବାସୀ ବିରୋଧ କରିଥିଲେ। ଅନ୍ୟପକ୍ଷରେ ସେଠାରେ ଖାଦ୍ୟ ଓ ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଏଥିସହ ସ୍ୱାବ ସଂଗ୍ରହରେ ମଧ ବିଳମ୍ବ ଘଟିଥିଲା। ଫଳରେ ପରୀକ୍ଷା ପାଇଁ ଯାଇଥିବା ଲୋକେ ବିରକ୍ତି ପ୍ରକାଶକରି ଘରକୁ ଚାଲିଚାଲି ଫେରିଥିଲେ। ପରେ ଗୁଣପୁର ବ୍ଲକ୍ ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନି ଏବଂ କର୍ମଚାରୀମାନେ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ତେବେ ସେମାନଙ୍କୁ ପୁଣି ଆଣି ସ୍ୱାବ ସଂଗ୍ରହ କରାଯିବ ବୋଲି ବିଡିଓ ଶାନ୍ତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଶିରିଝୋଲି ପଞ୍ଚାୟତ ଅଞ୍ଚଳର ଅନ୍ୟ ୮୦ ଜଣଙ୍କୁ ଡମ୍ବସରା ସଙ୍ଗରୋଧ କେନ୍ଦ୍ରକୁ ପରୀକ୍ଷା ପାଇଁ ନିଆଯାଇଥିଲା। ତେବେ ସେଠାରେ ମଧ ଅବ୍ୟବସ୍ଥା ନେଇ ପ୍ରତିବାଦର ସ୍ୱର ଉଠିଥିଲା ; ଯଦ୍ୱାରା ସେମାନଙ୍କ ସ୍ୱାବ ସଂଗ୍ରହ ହୋଇପାରି ନ ଥିଲା। ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରି ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ରବିବାର ସେମାନଙ୍କ ସ୍ୱାବ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଠିକ୍‌ଭାବେ କରାଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ଶନିବାର ଓ ରବିବାର ପୂର୍ବରୁ ଶଟ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଗୁଣପୁର ପୌରାଞ୍ଚଳ ଏବଂ ଶିରିଝୋଲି ପଞ୍ଚାୟତକୁ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ଏହି ଦୁଇ ଅଞ୍ଚଳ ୯ଦିନ ବନ୍ଦ ରହିବ।

## ମାଲକାନଗିରିରେ ଶଟ୍‌ଡାଉନ




ମାଲକାନଗିରିରେ ଶଟ୍‌ଡାଉନ୍ ବେଳର ଦୃଶ୍ୟ।

**ମାଲକାନଗିରି,୪।୭ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଜିଲା ପ୍ରଶାସନ ଶଟ୍‌ଡାଉନ ଘୋଷଣା ପରେ ଶନିବାର ଏହା ପାଳନ ହୋଇଥିବା ଦେଖିବାକୁ ମିଳିଛି। ଔଷଧ ଦୋକାନ, କ୍ଷୀର ବିକ୍ରୟ କେନ୍ଦ୍ର, ଡାକ୍ତରଖାନା ବ୍ୟତୀତ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତେବେ ଅନେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଆଂଶିକ ବନ୍ଦ ଥିଲା। ପୌରାଞ୍ଚଳରେ କୌଣସି ଗାଡିମୋଟର ଚଳାଚଳ କରି ନ ଥିଲା। ଲୋକେ ଘରୁ ବାହାରି ନ ଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ ଏବଂ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ସମସ୍ତ ସ୍ୱାର୍ଡ ବୁଲି ଦାୟିତ୍ୱରେ ଥିବା କର୍ମଚାରୀ କିପରି ତଥ୍ୟ ସଂଗ୍ରହ କରୁଛନ୍ତି ତଦାରଖ କରିଥିଲେ। ଲୋକମାନେ ଭୟଭୀତ ନ ହେବାକୁ ସେ ପରାମର୍ଶ ଦେଇଥିଲେ।

# ୩ ସ୍ଥାନରେ ବନ ମହୋତ୍ସବ,ଚାରାରୋପଣ

**କୋରାପୁଟ/ଚିତ୍ରକୋଣ୍ଡା/ପଡିଆ, ୪।୭(ସ୍ୱ.ପ୍ର./ଡି.ଏନ.ଏ.)–**



ଅଧିକାରୀମାନେ ଚାରା ରୋପଣ କରୁଛନ୍ତି।

କୋରାପୁଟସ୍ଥିତ ଏସଓଜି କ୍ୟାମ୍ପ ପରିସରରେ ଶନିବାର ୭୧ତମ ଜିଲାସ୍ତରୀୟ ବନମହୋତ୍ସବ ଅନୁଷ୍ଠିତ ହୋଇଛି। ଶତାଧିକ ବୃକ୍ଷରୋପଣ କରାଯାଇଛି । ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋରାପୁଟ ବନଖଣ୍ଡ ଅଧିକାରୀ ରିଙ୍କି କୁମାରୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷା ତୁଳସୀ କିରସାନି , ଜୟପୁର ଡିଏଫଓ ଏସ.ଏନ. ଜେପି ସିଂ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର ଯୋଗଦେଇ ମଣିଷ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ରେଞ୍ଜର ରୋହିତ କୁମାର ପରିଚାଳନା କରିଥିଲେ।

ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ୪ଟି ସ୍ଥାନରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୫ ହଜାରରୁ ଉର୍ଦ୍ଧ୍ୱ ଚାରା ରୋପଣ ହେଉଛି। ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋରାପୁଟ ସର୍କଲ ଆଇଏଫ୍‌ଏସ୍ ସୁଦୀପ୍ତ ଦାସ, ଏସିଏଫ୍ ଶ୍ରୀକାନ୍ତ ନାୟକ, ମାଲକାନଗିରି ଡିଏଫ୍‌ଓ ପ୍ରଦୀପ ଦେବୀଦାସ ମିରାସେ, ବିଡ଼ିଓ ଲରିମନ ଖରସେଲ, ତହସିଲଦାର ଟି.ପଦ୍ମନାଭ ଦୋରା, ଥାନା ଅଧିକାରୀ ଯୁଗଳ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ୱାଭିମାନ ଅଞ୍ଚଳ ଯନ୍ତାପାଇ ବିଏସଏଫ କ୍ୟାମ୍ପ, ଗୁରୁପ୍ରିୟା ସେତୁ ନିକଟସ୍ଥ ଧନଞ୍ଜୟ ବନ ସଂରକ୍ଷଣ ସମିତି ଦ୍ୱାରା ପରିଚାଳିତ ଅଞ୍ଚଳ, ଗୁଣ୍ଡାୱାଡା ପଞ୍ଚାୟତ କମାରଗୁଡା ବନ ସରକ୍ଷଣ ସମିତି ଓ ଚିତ୍ରକୋଣ୍ଡା ପଞ୍ଚାୟତ ପୂଜାରିଗୁଡା ବନ ସଂରକ୍ଷଣ ସମିତି ଦ୍ୱାରା ପରିଚାଳିତ ଅଞ୍ଚଳରେ ବନ ମହୋତ୍ସବ ପାଳନ କରାଯିବା ସହ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମକୁ ବନପାଳ ମୃତ୍ୟୁଞ୍ଜୟ ସେଠୀଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।

ପଡିଆ ବ୍ଲକରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ ହୋଇଥିଲା। ପଡିଆ ଥାନା ପରିସର ସମେତ ବାପନ୍‌ପଲି ଆଦର୍ଶ ବିଦ୍ୟାଳୟ ଓ କାଲିମେଳା–ପଡିଆ ମୁଖ୍ୟ ରାସ୍ତାରେ ଥିବା ୫ଟି ଗ୍ରାମର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରମେଶ କୁମାର ଯାଦବ, ଥାନା ଅଧିକାରୀ ପ୍ରଭାତ ବେହେରା, ଫରେଷ୍ଟର ଗୁପ୍ତେଶ୍ୱର ରାଓ ଦୋରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶଟ୍‌ଡାଉନ୍‌ରେ ପୂଜାର୍ଚ୍ଚନା: ଥାନାରେ ମାମଲା

**ରାୟଗଡ଼ା ଅଫିସ,୪।୭**

ଜିଲା ପ୍ରଶାସନ ପକ୍ଷରୁ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ତେବେ ନିୟମ ଉଲ୍ଲଂଘନ କରି ଶନିବାର ସକାଳେ ରାୟଗଡ଼ାସ୍ଥିତ ଭେଙ୍କଟେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିଲା। ଏହି ସମୟରେ ମନ୍ଦିରରେ ଅନେକ ଲୋକ ଭିଡ଼ ଜମାଇଥିଲେ ଏବଂ ସାମାଜିକ ଦୂରତା ମଧ ରହି ନ ଥିଲା। ଏହାର ସୂଚନା ପାଇ ତହସିଲଦାର ଉମାଶଙ୍କର ବେହେରା ମନ୍ଦିରରେ ଚଢ଼ାଉ କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ଟାଉନ ପୋଲିସ ପୂଜକଙ୍କୁ ଅଟକ ରଖି ପଚରାଉଚରା କରିଛି। ଏ ନେଇ ଥାନାରେ ୨୩୨/୨୦ ନଂ. ରେ ଏକ ମାମଲା ରୁଜୁ ହୋଇଛି। ତେବେ ତାଙ୍କୁ ନୋଟିସ କରି ଛାଡ଼ି ଦିଆଯାଇଥିବାବେଳେ କେହି ଗିରଫ ହୋଇ ନ ଥିବା ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ମୃତଦେହ ଝଡାଫୁଙ୍କା ପାଇଁ ନେଲେ ପରିବାର

**ଚନ୍ଦାହାଣ୍ଡି,୪।୭(ଡ଼ି.ଏନ.ଏ.)**

- ସାପ କାମୁଡାରେ ମୃତ୍ୟୁ ହୋଇଥିଲା
- ଡାକ୍ତର ମୃତ ଘୋଷଣା ପରେ ନେଇଥିଲେ
- ମୃତଦେହ ବ୍ୟବଚ୍ଛେଦ ବ୍ୟବସ୍ଥା ହେବ

ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ନ ହେବା ପାଇଁ ସରକାର, ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ଏ ଦିଗରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ମାତ୍ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲୋକଙ୍କ ମାନସିକତା ବଦଳୁନି। ଶନିବାର ଜଣେ ବ୍ୟକ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିବା ପରେ ସମ୍ପୃକ୍ତ ବ୍ୟକ୍ତି କାଳେ ବଞ୍ଚିଯିବେ ଏ ଆଶାରେ ପରିବାର ଲୋକେ ତାଙ୍କୁ ନେଇ ଦିଶାରୀ, ଗୁଣିଆଙ୍କ ପାଖରେ ଝଡାଫୁଙ୍କା କରିବା ଏହି ଅନ୍ଧବିଶ୍ୱାସକୁ ପ୍ରମାଣିତ କରିଛି। ଏପରି ଏକ ଘଟଣା ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଘଟିଛି। ବ୍ଲକର ଜମାଦାରପଡା ଗ୍ରାମର ଦେବୀ ସିଂ ହାତୀଙ୍କୁ ଶନିବାର ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଅପରାହ୍ନ ୨ଟା୨୦ରେ ଚନ୍ଦାହାଣ୍ଡି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର କଳ୍ପେଶ ସୁନା ଦେବୀ ସିଂଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରି ଏନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ଡାକ୍ତର ଥାନାକୁ ଜଣାଇଥିଲେ। ଡାକ୍ତରଖାନାରେ ପୋଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ଆମେ ଗୁଣିଆକୁ ଦେଖାଇବୁ ବୋଲି କହି ମୃତଦେହ ନେଇଯାଇଥିବା ଡାକ୍ତର ସୁନା କହିଛନ୍ତି । ଝଡାଫୁଙ୍କାରେ ଦେବୀ ସିଂ ନ ବଞ୍ଚିବାରୁ ପୁଣି ଥରେ ଡାକ୍ତରଖାନା ଅଣାଯାଇ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଲାଗିଲା ମାଓବାଦୀ ବିରୋଧୀ ପୋଷ୍ଟର

**ମାଲକାନଗିରି/ଚିତ୍ରକୋଣ୍ଡା, ୪।୭(ସ୍ୱ.ପ୍ର./ଡି.ଏନ.ଏ.)–**

ମାଲକାନଗିରି ଜିଲାର ମାଓବାଦୀପ୍ରବଣ ଅଞ୍ଚଳଗୁଡ଼ିକରେ ଶନିବାର ମାଓବାଦୀ ବିରୋଧୀ ପୋଷ୍ଟର ମରାଯାଇଛି। ବିଚ୍ଛିନ୍ନାଞ୍ଚଳ ଉନ୍ନୟନ ସମିତି ପକ୍ଷରୁ ଏହି ପୋଷ୍ଟର ମରାଯାଇଥିବା ଜଣାପଡ଼ିଛି। ଜିଲାର ସ୍ୱାଭିମାନ ଅଞ୍ଚଳ ନାକାମାମୁଡି, ଜାନବାଇ,ଏସାରଛକ,ଚିତ୍ରକୋଣ୍ଡା, ବଣ୍ଡାଘାଟିର ମୁଦୁଲିପଡା, ମାଡକାପଦର ଅଞ୍ଚଳରେ ଏସବୁ ପୋଷ୍ଟର କରାଯାଇଛି। ନିକଟରେ ସ୍ୱାଭିମାନ ଅଞ୍ଚଳରେ ପ୍ରଜାମେଳି ହେବା, ବିଏସ୍‌ଏଫ୍ କ୍ୟାମ୍ପ ଏବଂ ଯବାନଙ୍କୁ ଉକ୍ତ ଅଞ୍ଚଳରୁ ହଟାଇବା ଲାଗି ଗ୍ରାମବାସୀ ଦାବି କରିଥିଲେ। ଫଳରେ ମାଓବାଦୀ ସଙ୍ଗଠନଠାରୁ ଲୋକେ ମୁହଁ ଫେରାଉଥିବା ସ୍ପଷ୍ଟ ହୋଇଛି। ମାଓବାଦୀ ବିଚ୍ଛିନ୍ନାଞ୍ଚଳ ଅଧିବାସୀଙ୍କୁ ସର୍ବଦା ନିର୍ଯାତନା ଦେଇ ଆସୁଛନ୍ତି। ମାଓବାଦୀମାନେ ନିର୍ଦ୍ଦୋଷରେ ଅରଙ୍ଗିପଡ଼ାର ସାଧୁ ପାଙ୍ଗୀ, ଟାବେର ଗ୍ରାମର ଲାଚ୍ଛା ମୁଦୁଲି ଏବଂ ଯୋଡାମ୍ବ ଗ୍ରାମର ଦୀନବନ୍ଧୁ ସରକାରଙ୍କୁ ପୋଲିସ ଇନ୍‌ଫର୍ମର ଦର୍ଶାଇ ହତ୍ୟା କରିଛନ୍ତି।

## ର୍‍ୟାପ ସଙ୍ଗ୍ ମାଧ୍ୟମରେ ସଚେତନତା




ସଚେତନତା ସୃଷ୍ଟି କରୁଥିବା ଛାତ୍ରମାନେ।

**ଜୟପୁର, ୩।୭ (ନି.ପ୍ର.)**

ଜୟପୁର ବିକ୍ରମଦେବ କଲେଜ ଛାତ୍ରମାନେ ମିଶି ର୍‍ୟାପ ସଙ୍ଗ୍ ପ୍ରସ୍ତୁତ କରିଛନ୍ତି। ଦେଶରେ ଦିନକୁ ଦିନ ଯେପରି ବଳାତ୍କାର ମାମଲା ବଢୁଛି ତାହାକୁ ରୋକିବା ପାଇଁ ଛାତ୍ରମାନେ ଗୀତ ମାଧ୍ୟମରେ ଏକ ଭିଡିଓ ପ୍ରସ୍ତୁତ କରିଛନ୍ତି। ୩ ମିନିଟର ଏହି ଭିଡିଓରେ ନିର୍ଭୟା ମାମଲାରେ ଦୋଷୀଙ୍କୁ ଫାଶି ଦେବାରେ ବିଳମ୍ବ, ଆସିଫା ମାମଲା, ଡାକ୍ତର ପ୍ରିୟଙ୍କା ରେଡ୍ଡି ମାମଲାର ଘଟଣାକୁ ଏଥିରେ କାହାଣୀ ରୂପେ ନିଆଯାଇଛି। ହୀନ୍ଦି ଭାଷାରେ ପ୍ରସ୍ତୁତ ଏହି ର୍‍ୟାପ ସଙ୍ଗ୍ ସମାଜରେ ଘଟୁଥିବା ଅପରାଧ ରୋକିବା ସହ ଆଗାମୀ ଯୁବପିଢିଙ୍କୁ ସଚେତନ କରିପାରିବ ବୋଲି ଆଶା ରଖାଯାଇଛି। ବିକ୍ରମଦେବ କଲେଜର ଛାତ୍ର ଶୁଭମ ଝା, ଦିନେଶ ପରିଛା, ଏଲ. ସାଇ କୁମାର, ନୀତିନ ସାଇ, ପିଏସ. ସନ୍ଦିପ, ଜି. ଜିତେନ୍ଦ୍ର କୁମାର, ସୁଜଳ ଗରଡା ମନୀଶ ଦାସ ଏହି ର୍‍ୟାପ ସଙ୍ଗ୍ ପ୍ରସ୍ତୁତ କରିଛନ୍ତି। ଏହା ଏବେ ୟୁ ଟ୍ୟୁବ୍ ଓ ଫେସ୍ ବୁକରେ ଭାଇରାଲ ହେବାରେ ଲାଗିଛି।

## କରୋନା ମୁକାବିଲା: ଶିକ୍ଷକ ନିଯୁକ୍ତିରେ ପାତରଅନ୍ତର

**ଗୁଣପୁର,୪।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ କରୋନା ମକାବିଲା ପାଇଁ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷକମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଇଥିବାବେଳେ ଏଥିରେ ପକ୍ଷପାତ କରାଯାଇଥିବା ନେଇ କେତେଜଣ ଶିକ୍ଷକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଘରକୁ ଘର ଯାଇ ସଚେତନ ଓ ସର୍ଭେ କରିବାଠାରୁ ଆରମ୍ଭକରି ସୀମା ସିଲ୍, ଗେଟ୍, କଣ୍ଟ୍ରୋଲ ରୁମ୍, ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱ, ପ୍ରବାସୀ ଓଡ଼ିଆଙ୍କୁ ସ୍ୱାଗତ କରି ସଙ୍ଗରୋଧ କେନ୍ଦ୍ରରେ ପହଞ୍ଚାଇବା ପର୍ଯ୍ୟନ୍ତ କାର୍ଯ୍ୟ ଶିକ୍ଷକମାନେ ତୁଲାଇ ଆସିଛନ୍ତି। ତେବେ ଗୁଣପୁରରେ ଅନେକ ଶିକ୍ଷକଙ୍କୁ କୌଣସି ଦାୟିତ୍ୱ ଦିଆଯାଇ ନ ଥିବାବେଳେ ଆଉ କେତେଜଣ ଶିକ୍ଷକଙ୍କୁ ବାରମ୍ବାର ଦାୟିତ୍ୱ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ୫୦ବର୍ଷରୁ ଉର୍ଦ୍ଧ୍ୱ ବୟସର ଶିକ୍ଷକମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେଣୁ ଯେଉଁମାନଙ୍କୁ ଦାୟିତ୍ୱ ମିଳିନାହିଁ, ସେମାନଙ୍କ ନିୟୋଜିତ କରି ବାରମ୍ବାର ଦାୟିତ୍ୱ ତୁଲାଉଥିବା ଶିକ୍ଷକଙ୍କୁ ବାଦ୍ ଦେବାପାଇଁ ପ୍ରଶାସନ ଦୃଷ୍ଟିଦେବା ନିମନ୍ତେ ମତପ୍ରକାଶ ପାଇଛି।

# କୋରାପୁଟ ଜିଲାରେ ପୁଣି ୫ ଆକ୍ରାନ୍ତ ଚିହ୍ନଟ

**କୋରାପୁଟ/ବୋରିଗୁମ୍ମା/ପଟ୍ଟାଙ୍ଗୀ, ୪।୭(ସ୍ୱ.ପ୍ର./ଡି.ଏନ୍.ଏ.)–**

କୋରାପୁଟ ଜିଲାରେ ଶନିବାର ପୁଣି ୫ଜଣ କରୋନାରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୨ ଜଣ ଏବଂ ସ୍ଥାନୀୟ ଅଞ୍ଚଳରୁ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ଜିଲାର ପଟ୍ଟାଙ୍ଗୀ ବ୍ଲକର ସଙ୍ଗରୋଧ କେନ୍ଦ୍ରରୁ ଜଣେ ଏବଂ ସୁନାବେଡ଼ା ପୌରାଞ୍ଚଳରେ ଥିବା ସଙ୍ଗରୋଧ କେନ୍ଦ୍ରରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେହିପରି ବୋରିଗୁମ୍ମା ବ୍ଲକରୁ ୨ ଜଣ ଏବଂ ସେମିଳିଗୁଡ଼ା ବ୍ଲକରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ପଟ୍ଟାଙ୍ଗୀ ସଙ୍ଗରୋଧରୁ ଚିହ୍ନଟ ବ୍ୟକ୍ତି ଆନ୍ଧ୍ର ପ୍ରଦେଶ ଫେରନ୍ତା ହୋଇଥିବା ବେଳେ ସୁନାବେଡ଼ାର ଚିହ୍ନଟ ବ୍ୟକ୍ତି ଜଣକ ବିହାର ଫେରନ୍ତା ବୋଲି ଜଣାପଡ଼ିଛି। ପଟ୍ଟାଙ୍ଗୀର ସମ୍ପୃକ୍ତ ବ୍ୟକ୍ତି ଆନ୍ଧ୍ରରୁ ଫେରି ୨ଦିନ ଘରେ ରହି ଅନେକ ଲୋକଙ୍କ ସହ ମିଶିଥିଲେ। ପରେ ତାଙ୍କ ବାପା ତାଙ୍କୁ ନେଇ ସଙ୍ଗରୋଧ କେନ୍ଦ୍ରରେ ପଞ୍ଜୀକରଣ କରି ଛାଡ଼ିଥିଲେ। ସେ ମିଶିଥିବା ଲୋକଙ୍କ ମଧ୍ୟରୁ ପ୍ରଶାସନ ପକ୍ଷରୁ ୫୦ ଜଣଙ୍କୁ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ସଙ୍ଗରୋଧ କେନ୍ଦ୍ର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଥାନା ଅଧିକାରୀ ବିଜୟ ରାଜ ମାଝି ଗାଙ୍ଗରାଜପୁର ପଞ୍ଚାୟତ ଏବଂ ନିଲାମପାଢୁ ଗ୍ରାମକୁ ଯାଇଥିବା ରାସ୍ତା ସିଲ୍ କରିଛନ୍ତି। ସରପଞ୍ଚ ଭଗବାନ ଖରା, ବିଡିଓ ମୋନାଲିସା ଦେବତା, ଡାକ୍ତର ଭାଗବତ ମୁର୍ମୁ , ପିଏଚ୍‌ଇଓ ବିଜୟ ଖିଲ ପାରିପାର୍ଶ୍ୱିକ ସ୍ଥିତି ଉପରେ ନଜର ରଖିଛନ୍ତି। ବୋରିଗୁମ୍ମାରୁ ଚିହ୍ନଟ ୨ଜଣଙ୍କ ମଧ୍ୟରେ ଜଣେ ଶିଶୁ ରହିଛନ୍ତି। ଏଠାରେ ଜିଲାପାଳ ବ୍ଲକରେ ୬ଯାଏ ଜାରି ରହିଥିବା ଶଟ୍‌ଡାଉନକୁ ୭ ତାରିଖ ଯାଏ ବଢ଼ାଇ ଦେଇଛନ୍ତି। ଅନ୍ୟପକ୍ଷରେ କଣ୍ଟେନମେଣ୍ଟ ଜୋନରେ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରେ ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଡଙ୍ଗରଦେଇ ଉତ୍ପାଦିକା ଦଳ ପକ୍ଷରୁ ଏକ ଅସ୍ଥାୟୀ କିରାଣା, ପରିବା ଓ ଦୁଗ୍ଧ କେନ୍ଦ୍ର ଖୋଲାଯାଇଥିବା ବିଡିଓ ପ୍ରଣୟ ରଞ୍ଜନ ବେହେରା କହିଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୭କୁ ବୃଦ୍ଧି ପାଇଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜିଲାରେ ଶଟ୍‌ଡାଉନ ଘୋଷଣା କରାଯାଇଛି। ସହରର ବିଭିନ୍ନ ଛକରେ ପୋଲିସ ମୁତୟନ କରାଯାଇଛି। ସେହିପରି କରୋନା ପ୍ରଭାବକୁ ଦୃଷ୍ଟିରେ ରଖି ବୋଲବମ ଯାତ୍ରା ବନ୍ଦ କରିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବା ପରେ ଜିଲା ପ୍ରଶାସନ ପକ୍ଷରୁ ଏଥିରେ ରୋକ୍ ଲଗାଯାଇଛି ବୋଲି ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

## ୫କୁଇଣ୍ଟାଲ ଗୁଟ୍‌ଖା, ପାନମସଲା ଜବତ: ୩ଗିରଫ

**ରାୟଗଡ଼ା ଅଫିସ,୪।୭**

ଶଟ୍‌ଡାଉନ୍‌ରେ ମଧ ଚାଲିଛି ଗୁଟ୍‌ଖା କାରବାର। ରାୟଗଡ଼ା ଜିଲା ବିଷମକଟକ ପୋଲିସ ଶନିବାର ପାଟ୍ରୋଲିଂ କରିବା ସମୟରେ ମେଡିକାଲ ଛକ ନିକଟରେ ଏକ ଗୁଟ୍‌ଖା ଏବଂ ପାନମସଲା ବୋଝେଇ ବୋଲେରୋ ଜବତ କରିଛି। ସେଥିରୁ ୫ କୁଇଣ୍ଟାଲ ଗୁଟ୍‌ଖା ଏବଂ ପାନମସଲା ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରସନ୍ନ ବିଶ୍ୱାସରାୟ, ମୋହନଲାଲ ଚନ୍ଦ୍ରକର ଏବଂ କେ. ସନ୍ତୋଷ କୁମାର। ଏନେଇ ବିଷମକଟକ ଥାନାରେ ୬୬/୨୦ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ପୋଲିସ ସୂଚନା ଦେଇଛି।

# ୬ ବ୍ଲକର ୯ ଗ୍ରାମ ହେଲା କଣ୍ଟେନମେଣ୍ଟ ଜୋନ

**ନବରଙ୍ଗପୁର/ଚନ୍ଦାହାଣ୍ଡି/ଝରିଗାଁ/କୋଷାଗୁମୁଡା,୪।୭(ବି.ପ୍ର./ଡି.ଏନ.ଏ.)**



ଚନ୍ଦାହାଣ୍ଡି ବ୍ଲକରେ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି।

ନବରଙ୍ଗପୁର ଜିଲାରେ ପୁଣି ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୩ରେ ପହଞ୍ଚିଛି। ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶରେ ୬ଟି ବ୍ଲକର ୯ଟି ସ୍ଥାନକୁ ଶନିବାରଠାରୁ ୧୪ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେଥିମଧ୍ୟରେ ନବରଙ୍ଗପୁର ବ୍ଲକର ଅଗ୍ନିପୁର ଟିଏମ୍‌ସି ସେଣ୍ଟର, ଝରିଗାଁ ବ୍ଲକର ସମ୍ପୂର୍ଣ୍ଣ ଝରିଗାଁ ଗ୍ରାମ, ପାପଡ଼ାହାଣ୍ଡି ବ୍ଲକର ପାତ୍ରୀ ପଞ୍ଚାୟତର ୨ଟି ଗ୍ରାମ, ଡାବୁଗାଁ ବ୍ଲକର ବଡକଇଲାରି ଗ୍ରାମ, ଉମରକୋଟ ବ୍ଲକର ୨ଟି ଗ୍ରାମ, ଉମରକୋଟ ପୌରପାଳିକା ଅଧୀନରେ ଥିବା ଟିଏମ୍‌ସି ସେଣ୍ଟର ଓ କୋଷାଗୁମୁଡ଼ା ବ୍ଲକର କେରାଣ୍ଡିମାଳ ଟିଏମ୍‌ସି ସେଣ୍ଟରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । କୋଷାଗୁମୁଡା ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ରିପୋର୍ଟ ଆସିବା ପୂର୍ବରୁ ବିଭିନ୍ନ ସ୍ଥାନ ବୁଲି ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ସେମାନଙ୍କୁ ଚିହ୍ନଟ କରିବା ଲାଗି ଏବେ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ଅନ୍ୟପକ୍ଷରେ ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ସରପଞ୍ଚ ଭୋଳାନାଥ ସାନ୍ତା ଜିଲାପାଳ କ୍ଷମତା ବଳରେ ପଞ୍ଚାୟତକୁ ଶନିବାରଠାରୁ ୧୦ ଦିନ ଯାଏ ଶଟଡାଉନ ଘୋଷଣା କରିଛନ୍ତି। ଆସନ୍ତା ୧୪ ତାରିଖ ଯାଏ ଏହା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ପଞ୍ଚାୟତରେ ଯେଉଁମାନେ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି ତାଙ୍କୁ ଚିହ୍ନଟ କରାଯିବ ବୋଲି ସରପଞ୍ଚ କହିଛନ୍ତି। ଶନିବାର ଚିହ୍ନଟ ୧୧ ଜଣଙ୍କୁ ନବରଙ୍ଗପୁରସ୍ଥିତ କୋଭିଡ୍ ହସ୍ପିଟାଲ ପଠାଇ ଚିକିତ୍ସା କରାଯାଉଛି।

**ଜିଲାରେ ଚିହ୍ନଟ ହେଲେ ୧୧ ଆକ୍ରାନ୍ତ**

ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୫୩ରେ ପହଞ୍ଚିଛି। ୧୫ଜଣ ସୁସ୍ଥ ହୋଇଥିବା ବେଳେ ୩୮ ଜଣ ଚିକିତ୍ସାଧୀନ ଥିବା ଜିଲାପାଳ ଅଜିତ କୁମାର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଚନ୍ଦାହାଣ୍ଡି ବ୍ଲକରେ ଶଟ୍‌ଡାଉନ କଡ଼ାକଡ଼ି ପାଳନ ହୋଇଛି। ଶନିବାର ସାପ୍ତାହିକ ହାଟ ବନ୍ଦ ରହିଛି। ଛତିଶଗଡ଼ ସୀମା ତଥା ଛକଗୁଡ଼ିକରେ ପୋଲିସ କର୍ମଚାରୀ ଓ ଆଇଆର୍‌ବି ଯବାନ ଜଗି ରହିଛନ୍ତି । ଆଇଆଇସି ଅଭୟ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଛତିଶଗଡ଼ର ମଙ୍ଗରଓଡ଼ା, ବରେହିଠାରେ ଯାଞ୍ଚ କରିଛନ୍ତି। ଛତିଶଗଡ଼ ପଟୁ ଆସୁଥିବା ବିଭିନ୍ନ ମାଲବାହୀ ଗାଡ଼ି ଅଟକ ରଖାଯାଇଛି।

